ପ୍ରଗତିବାଦୀ
# ରାଜ୍ୟ ଖବର
pragativadi.com
ଭୁବନେଶ୍ୱର, ବୁଧବାର, ଜୁନ ୫, ୨୦୧୯ | ୧୧

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆୟୁଷ୍ମାନକୁ ହଁ...

ଏଥିପାଇଁ ବୈଠକ କରାଯିବ । ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି ଯେ, କେନ୍ଦ୍ର ସରକାର ଆୟୁଷ୍ମାନ ଯୋଜନାରେ ଓଡ଼ିଶା ସାମିଲ ହେବାକୁ ଅନୁରୋଧ କରିଛନ୍ତି । ଓଡ଼ିଶା ଏହାର ପରୀକ୍ଷା ନିରୀକ୍ଷା କରୁଛି । ସବିଶେଷ ଅନୁଧ୍ୟାନ ପରେ ନିଷ୍ପତ୍ତି ନିଆଯିବ । ଉଭୟ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବ ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶା ସାମିଲ ହେବନାହିଁ ଏକଥା କହିନାହାନ୍ତି । ବରଂ ଆଲୋଚନା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଉଲ୍ଲେଖ କରି ବାଟ ଖୋଲା ରଖିଛନ୍ତି । ରାଜ୍ୟ ସରକାରଙ୍କ ଆଭିମୁଖ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ, ନିର୍ବାଚନ ପୂର୍ବରୁ ଆୟୁଷ୍ମାନ ଭାରତ ଯୋଜନା ପ୍ରତି ସରକାରଙ୍କର ଯେଉଁ ନକରାତ୍ମକ ମନୋଭାବ ଥିଲା, ତାହା ଆଉ ନାହିଁ । ଏବେ କେନ୍ଦ୍ରୀୟ ଯୋଜନା ରାଜ୍ୟ ସରକାରଙ୍କୁ ପସନ୍ଦ ହୋଇଛି । କଥାବାର୍ତ୍ତା ଠିକ ଭାବେ ସରିଲେ ସମ୍ମତି ଦିଆଯିବ । ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଶର ଏକ ସବୁଠାରୁ ଭଲ ଯୋଜନା । ମଙ୍ଗଳବାର ସେମାନଙ୍କ ସହିତ ଯେଉଁ ଆଲୋଚନା ହେଲା ତାହା ପ୍ରାଥମିକ ପର୍ଯ୍ୟାୟ ଆଲୋଚନା । ସେମାନେ ବିଧିବଦ୍ଧ ଭାବେ ପ୍ରସ୍ତାବ ଦେବା ପରେ ଆମେ ତାଙ୍କର ପ୍ରସ୍ତାବକୁ ତର୍ଜମା କରିବୁ । ଓଡ଼ିଶା ଯଦି ବିଶେଷ ଭାବେ ଉପକୃତ ହୋଇ ପାରିବ ତାହା ହେଲେ ବିଚାର କରାଯାଇପାରେ । ପ୍ରକାଶ ଥାଉକି ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ୭୦ ଲକ୍ଷ ପରିବାର ଉପକୃତ ହେଉଛନ୍ତି । ୨୦୧୮ ମସିହା ଡିସେମ୍ବର ମାସରୁ ବନ୍ଦ ହୋଇଯାଇଥିବା କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର ୪୪ ଲକ୍ଷ ହିତାଧିକାରୀ ମଧ୍ୟ ଅନ୍ତର୍ଭୁକ୍ତ । ରାଜ୍ୟ ଓ ରାଜ୍ୟ ବାହାରର ୨୧୮ ଟି ଘରୋଇ ଡାକ୍ତରଖାନାରେ ମଧ୍ୟ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ସେବା ଉପଲବ୍ଧ କରାଯାଇଛି । ସଚିବାଳୟ ଠାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଲୋଚନା କାଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା , କେନ୍ଦ୍ରରୁ ଆସିଥିବା ମନୁ ଶୁକ୍ଳା , ଆଦିତି ଭାର୍ଗବ , ଆସ୍ଥା ଆରୋରା ଓ ରୋହିତ ଦେଓ ଝାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଉଲ୍ଲେଖ ଥାଉକି, ମୁଖ୍ୟ ଶାସନ ସଚିବଙ୍କ ସହିତ ହୋଇଥିବା ଆଲୋଚନାରୁ ଜଣାପଡିଥିଲା ଯେ, ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମୁଖ୍ୟତଃ ୨ଟି ଉପାଦାନ ରହିଛି । ପ୍ରଥମଟି ହେଲା ସମସ୍ତଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ସେବା ଏବଂ ଅନ୍ୟଟି ହେଲା ସ୍ୱାସ୍ଥ୍ୟବୀମା ଏବଂ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିରୁ ସହାୟତା । ପ୍ରଥମ ବିଭାଗରେ ରାଜ୍ୟର ୯୯ ଲକ୍ଷ ପରିବାର ଏବଂ ଦ୍ୱିତୀୟ ବିଭାଗରେ ପ୍ରାୟ ୭୨ ଲକ୍ଷ ପରିବାରଙ୍କୁ ସାମିଲ କରାଯାଇଛି । ପ୍ରଥମ ବିଭାଗରେ ନିରାମୟ ଓ ନିଦାନ ଆଦି ଯୋଜନାରେ ସମସ୍ତଙ୍କ ପାଇଁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ଦ୍ୱିତୀୟ ବିଭାଗରେ ବିଜୁ କୃଷକ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟବୀମା ଏବଂ ଚିକିତ୍ସା ପାଣ୍ଠି ମାଧ୍ୟମରେ ଅଧିକ ସହାୟତା ଦିଆଯାଇଛି । ଉଚ୍ଚମାନ ଚିକିତ୍ସା ପାଇଁ ରାଜ୍ୟ ସରକାର ୧୯୬ଟି ଘରୋଇ ହସପିଟାଲ ଏବଂ ରାଜ୍ୟ ବାହାରେ ଥିବା ସମସ୍ତ ଜାତୀୟ ସ୍ତରରେ ହସ୍ପିଟାଲମାନଙ୍କୁ ମଧ୍ୟ ତାଲିକା ଅନ୍ତର୍ଭୁକ୍ତ କରିଛନ୍ତି ।

ବୈଠକ ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ କହିଥିଲେ ଯେ, ଏହା ଏକ ପ୍ରାରମ୍ଭିକ ଆଲୋଚନା । ଓଡ଼ିଶାର ଯୋଜନା ଏବଂ ଏଥିରେ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କ ସ୍ୱାର୍ଥ ସୁରକ୍ଷିତ ରଖିବା ଆବଶ୍ୟକ । ତେଣୁ ବିଭିନ୍ନ ପର୍ଯ୍ୟାୟ ଆଲୋଚନା ପରେ ଏ ବିଷୟରେ ସରକାର ନିଷ୍ପତ୍ତି ନେବେ । ଅନ୍ୟ ଏକ ପ୍ରଶ୍ନରେ ଡଃ ଇନ୍ଦୁ ପ୍ରକାଶ କହିଥିଲେ ଯେ, ଓଡ଼ିଶାର ସ୍ୱାସ୍ଥ୍ୟ ଯୋଜନା ପ୍ରଶଂସନୀୟ । ବୈଠକରେ ସମନ୍ୱୟ ଦିଗରେ ସକରାତ୍ମକ ଆଲୋଚନା ହୋଇଛି । ଆଗାମୀ ଦିନରେ ଅଧିକ ଆଲୋଚନା ହୋଇ ଏ ବିଷୟରେ ନିଷ୍ପତ୍ତି ନିଆଯିବ । ଓଡ଼ିଶା, ତେଲେଙ୍ଗାନା, ଦିଲ୍ଲୀ ଏବଂ ପଶ୍ଚିମ ବଙ୍ଗଳାକୁ ଆୟୁଷ୍ମାନ ଭାରତରେ ସାମିଲ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଚେଷ୍ଟା ଜାରି ରଖିଛନ୍ତି । ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନାଙ୍କ ସମେତ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶ ଗ୍ରହଣ କରିଥିଲେ ।

### ମୃତ୍ୟୁଞ୍ଜୟ ମହାପାତ୍ର...

୫୩ ବର୍ଷୀୟ ଏହି ବୈଜ୍ଞାନିକ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକ କଲା ପରେ ଚାନ୍ଦିପୁର ଡିଆରଡିଏରେ କାର୍ଯ୍ୟ କରିଥିଲେ । ବର୍ତ୍ତମାନ ସେ ଆଇଏମଡିରେ ଏଏସଜି ପଦବୀରେ ଅଛନ୍ତି । ନୂଆ ଦାୟିତ୍ୱ ମିଳିଲା ପରେ ତାଙ୍କ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଯେଉଁମାନେ ତାଙ୍କୁ ଏ ସ୍ଥିତିରେ ପହଞ୍ଚିବାକୁ ସାହାଯ୍ୟ କରିଛନ୍ତି ଏ ସଫଳତାର ଶ୍ରେୟ ସେହିମାନଙ୍କର । ତାଙ୍କ ବାପା-ମାଆ, ଶୁଭେଚ୍ଛୁ, ବନ୍ଧୁବାନ୍ଧବ, ସହକର୍ମୀ ଓ ସମଗ୍ର ଓଡ଼ିଶାବାସୀଙ୍କ ଶୁଭେଚ୍ଛା ତାଙ୍କ ସହ ରହିଛି । ନିପଟ ଓଡ଼ିଆ ଗାଁରୁ ଆସି ଏ ସଫଳତା ନିଶ୍ଚିତ ଭାବେ ଏକ ବଡ କଥା । ନୂତନ ଦାୟିତ୍ୱ ନେବା ପରେ ବିପର୍ଯ୍ୟୟର ସଠିକ ଆକଳନ କରି ଲୋକଙ୍କୁ ପୂର୍ବରୁ ସୂଚନା ଦେବା ଓ ବିପର୍ଯ୍ୟୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ଉପରେ ଗୁରୁତ୍ୱ ଦିଅନ୍ତି । ଆଇଏମଡିର ଆଧୁନିକୀକରଣ ହୋଇଛି ଆଗକୁ ଏ ଦିଗରେ ପଦକ୍ଷେପ ନିଆଯିବ । ପାଣିପାଗ ଆକଳନରେ ସମଗ୍ର ବିଶ୍ୱରେ ଭାରତୀୟ ପାଣିପାଗ କେନ୍ଦ୍ର ଆଗକୁ ବଢୁଛି ବୋଲି ସେ କହିଛନ୍ତି ।

### ବିଜେଡିକୁ ଲୋକସଭା...

ଏବଂ ବିଜେଡିକୁ ଉପବାଚସ୍ପତି ପଦ ଦିଆଯିବା ନେଇ ଏହି ସମୟରେ ମଧ୍ୟ ଆଲୋଚନା ଚୂଡ଼ାନ୍ତ ହେବ । ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ସମୟରେ ଅନ୍ୟ କେନ୍ଦ୍ରମନ୍ତ୍ରୀମାନଙ୍କୁ ମଧ୍ୟ ଭେଟିବେ ।

କେନ୍ଦ୍ରରେ ମିଳିତ ସାମ୍ମୁଖ୍ୟ ସରକାର ଥିବାବେଳେ କେନ୍ଦ୍ରାପଡ଼ା ସାଂସଦ ଭାବେ ନିର୍ବାଚିତ ହୋଇଥିବା ରବି ରାୟ ଲୋକସଭାର ବାଚସ୍ପତି ହୋଇଥିଲେ । ପ୍ରଥମ ଓଡ଼ିଆ ଭାବେ ସେ ଏହି ପଦ ପାଇଥିଲେ । ଏବେ ପୁଣି ଲୋକସଭାର ବାଚସ୍ପତି ଏବଂ ଉପବାଚସ୍ପତି ପଦ ଓଡ଼ିଶା ଆଡ଼କୁ ଆସିଛି । ଯଦି ଚର୍ଚ୍ଚା ଠିକ ହୁଏ, ତେବେ ସଂସଦରେ ଓଡ଼ିଶା ରେକର୍ଡ କରିବ । ଲୋକସଭାର ଉଭୟ ବାଚସ୍ପତି ଓ ଉପବାଚସ୍ପତି ପଦରେ ଦୁଇଜଣ ଓଡ଼ିଆ ସାଂସଦ ବସିପାରିବେ । ଦୁଇଟି ଦଳରୁ ଦୁଇଜଣ ସାଂସଦ ଏହି ପଦରେ ବସିଲେ ମଧ୍ୟ ଓଡ଼ିଶା ପାଇଁ ଏହା ଏକ ଗୌରବ ଆଣିବ ।

ଗତ ସରକାର ସମୟରେ ରାଜ୍ୟସଭା ଉପାଧ୍ୟକ୍ଷ ପଦବୀ ଲାଗି ବିଜେଡି ନାମ ଉଠିଥିଲା । ବିଜେଡି ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଲୋକସଭାର ଉପାଧ୍ୟକ୍ଷ କରିବାକୁ ଚର୍ଚ୍ଚା ଜୋର ଧରିଥିଲା । ବିଜେପି ମଧ୍ୟ ଏ ନେଇ ବିଜେଡି ସମ୍ମୁଖରେ ପ୍ରସ୍ତାବ ରଖିଥିଲା । କିନ୍ତୁ ବିଜେଡି ଏଥିରେ ସମ୍ମତି ଦେଇନଥିଲା । ଫଳରେ ଜନତାଦଳ (ୟୁ) ର ସାଂସଦ ହରିବଂଶ ନାରାୟଣ ସିଂ ରାଜ୍ୟସଭା ଉପାଧ୍ୟକ୍ଷ ପଦରେ ବସିଥିଲେ । ଏବେ ପୁଣି ଲୋକସଭା ଉପବାଚସ୍ପତି ପଦ ବିଜେଡି ପାଖକୁ ଆସିବାର ଚର୍ଚ୍ଚା ହେଉଛି । ଏଥିରେ ବିଜେଡି ସମ୍ମତି ଦେବ କି ନାହିଁ ତାହା ସ୍ପଷ୍ଟ ହେଉନାହିଁ ।

କଟକ ସାଂସଦ ଭର୍ତ୍ତୃହରି ମହତାବ ଲଗାତର ଭାବେ ୧୯୯୮ ମସିହାରୁ ବିଜୟୀ ହୋଇଆସୁଛନ୍ତି । ଗତ ଲୋକସଭାରେ ସେ ବିଜେଡିର ସଂସଦୀୟ ଦଳ ନେତା ଥିଲେ । ପ୍ରଥମ ଓଡ଼ିଆ ସାଂସଦ ଭାବେ ସେ ତାଙ୍କର କାର୍ଯ୍ୟଦକ୍ଷତା ଓ ବ୍ୟବହାର ଲାଗି ଉତ୍କୃଷ୍ଟ ସାଂସଦ ପୁରସ୍କାର ପାଇଛନ୍ତି । ତାଙ୍କୁ ମଧ୍ୟ ଦୁଇଥର ସାଂସଦ ରତ୍ନ ପୁରସ୍କାର ଦିଆଯାଇଛି । ଜ୍ଞାନ-ଗରିମା ଓ ବ୍ୟକ୍ତିତ୍ୱ ଦୃଷ୍ଟିରୁ ସେ ସବୁ ଦଳ ନିକଟରେ ଜଣେ ଗ୍ରହଣୀୟ ନେତା ହୋଇଛନ୍ତି । ସଂସଦରେ ଓଡ଼ିଶାର ସମ୍ମାନ ବୃଦ୍ଧି କରିଛନ୍ତି । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପରେ ପ୍ରଥମ ଓଡ଼ିଆ ସାଂସଦ ଭାବରେ ତାଙ୍କୁ ଲୋକସଭାର ଆଗ ଧାଡ଼ିରେ ଆସନ ମିଳିଛି । ଏସବୁ ଦୃଷ୍ଟିରୁ ଯଦି ଉପବାଚସ୍ପତି ପଦ ବିଜେଡିକୁ ଦିଆଯାଏ ଓ ଶ୍ରୀ ମହତାବ ଏହି ପଦ ପାଆନ୍ତି, ତା'ହେଲେ ଓଡ଼ିଶା ପାଇଁ ଆଉ ଏକ ସର୍ବକାଳୀନ ରେକର୍ଡ ସୃଷ୍ଟି ହେବ ।

## ଗଛ ପଡି ଜଣଙ୍କର ମୃତ୍ୟୁ

• ଅନୁଗୁଳ/ତାଳଚେର, ପିଏନଏସ

ଗଛ କାଟିବା କାଳ ପାଲଟିଲା । ମଙ୍ଗଳବାର ସକାଳେ ତାଳଚେର ଥାନା ଅନ୍ତର୍ଗତ ତାଳବେଡା ଗ୍ରାମର ସୌଭାଗ୍ୟନଗର ସାହିରେ ଏପରି ଏକ ଦୁଃଖଦ ଘଟଣା ଘଟିଛି । ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଶ୍ରୀକାନ୍ତ ବେହେରା (୩୦) ସବୁ ଦିନ ଭଳି ମଙ୍ଗଳବାର ସକାଳୁ ଜଣଙ୍କର ବାଡିରେ ଗଛ କାଟୁଥିଲେ । ତେବେ ଗଛ କାଟୁ କାଟୁ ଅସାବଧାନତା ହେତୁ ଶ୍ରୀକାନ୍ତଙ୍କ ଉପରେ ଗଛ ପଡିଯିବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତ ଶ୍ରୀକାନ୍ତଙ୍କର ଘର ଢ଼େଙ୍କାନାଳ ଜିଲ୍ଲା କମର୍ଦ୍ଦା ଗ୍ରାମରେ । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଅଛି।

## ମହାରାଷ୍ଟ୍ର କଂଗ୍ରେସ ବିଧାୟକଙ୍କ ଇସ୍ତଫା

• ମୁମ୍ବାଇ: ମହାରାଷ୍ଟ୍ରର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିରୋଧୀଦଳ ନେତା ରାଧାକ୍ରିଷ୍ଣ ଭିଖେ ପାଟିଲ ମଙ୍ଗଳବାର ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି । କଂଗ୍ରେସର ଆଉ କିଛି ବିଧାୟକଙ୍କ ସହିତ ପାଟିଲ ବିଜେ ପିରେ ଯୋଗ ଦେବେ । ଦେବେନ୍ଦ୍ର ଫଡନାଭିସ ମନ୍ତ୍ରିମଣ୍ଡଳରେ ସେ ସାମିଲ ହେବେ ବୋଲି ଚର୍ଚ୍ଚା ହେଉଛି । ଲୋକସଭା ନିର୍ବାଚନ ପୂର୍ବରୁ ଭିଖେ ପାଟିଲଙ୍କ ପୁଅ ସୁଜୟ ବିଜେପିରେ ସାମିଲ ହୋଇଥିଲେ । ବିଜେପି ଟିକେଟରେ ସେ ଅହମଦନଗର ଆସନରେ ପ୍ରତିଦ୍ୱନ୍ଦ୍ୱିତାକରି ବିପୁଳ ଭୋଟ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି । ଗତ ମାର୍ଚ୍ଚରେ ଭିଖେ ପାଟିଲ ବିରୋଧୀଦଳ ନେତା ପଦରୁ ଇସ୍ତଫା ଦେଇଥିଲେ । ମଙ୍ଗଳବାର ସେ ବାଚସ୍ପତି ହରିଭାଉ ବାଗଡେଙ୍କ ନିକଟରେ ଇସ୍ତଫାପତ୍ର ଦାଖଲ କରିଛନ୍ତି । ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ।

## ଟିଏମସି ନେତାଙ୍କୁ ଗୁଳିକରି ହତ୍ୟା

• କୋଲକାତା

ପଶ୍ଚିମବଙ୍ଗରଉତ୍ତର୨୪ପ୍ରଗଣାରନିମତାରେ ତୃଣ ମୂଳ କଂଗ୍ରେସ(ଟିଏମସି) ନେତା ନିର୍ମଳ କୁଣ୍ଡୁଙ୍କୁ ଗୁଳିକରି ହତ୍ୟା କରାଯାଇଛି । ଦମଦମର ବାସିନ୍ଦା କୁଣ୍ଡୁଙ୍କୁ ଗୁଳି ଲାଗିବା ପରେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଟିଏମସି ନେତା କୁଣ୍ଡୁଙ୍କ ମୁଣ୍ଡରେ ଗୁଳି ଲାଗିଥିଲା । ଏହି ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି । ବିଜେପି କୁଣ୍ଡୁଙ୍କୁ ହତ୍ୟା କରିଛି ବୋଲି ଟିଏମସି ଅଭିଯୋଗ କରିଛି ।

## ଜାନକୀ ଲାଗି ସରକାରୀ ଯୋଜନା ସାତ ସପନ

• ମହାବିରୋଡ଼, ପିଏନଏସ

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ କାନପୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡିଚାବାଲୀ କୋହ୍ଲସାହି ବାସିନ୍ଦା ସ୍ୱର୍ଗତ ଦାମ ପ୍ରଧାନଙ୍କ ସ୍ତ୍ରୀ ଜାନକୀ ପ୍ରଧାନ ତାଙ୍କର ୫ ଛୁଆ ନେଇ ଅଭାବ ଅନଟନ ମଧ୍ୟରେ ଜୀବନ ବିତାଉଛନ୍ତି । ଗରିବଙ୍କ ଲାଗି ରାଜ୍ୟ ସରକାରଙ୍କ ଅନେକ ଯୋଜନା ଚାଲିଥିବା ବେଳେ ଏହି ଗରିବ ଆଦିବାସୀ ପରିବାର ପ୍ରତି ସ୍ଥାନୀୟ ପ୍ରଶାସନର ଦୃଷ୍ଟି ନପଡ଼ିବା ସମସ୍ତଙ୍କୁ ଚକିତ କରି ଦେଇଛି ।

ଏଭଳି ଏକ ଅବହେଳିତ ପରିବାର ସରକାରଙ୍କ କୌଣସି ଯୋଜନାର ସୁଫଳ ପାଉ ନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପରିବାର କହିଲେ ଜାନକୀର ଏକମାତ୍ର ପୁଅ କାହ୍ନୁ ଓ ୪ ଝିଅ: ନନ୍ଦିନୀ, ଶିବାନୀ, କଇରି ଓ ସୀମା । ପରିବାରରେ ରୋଜଗାରକ୍ଷମ କୌଣସି ପୁରୁଷ ନଥିବା ବେଳେ ବିଧବା ଜାନକୀ ପରିବାରର ମୌଳିକ ଆବଶ୍ୟକତା ପୂରଣ କରିବାକୁ ଭିକ୍ଷାବୃତ୍ତିକୁ ଆପଣାଇ ନେଇଛି କାମାକ୍ଷା ନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର



୩ କିଲୋମିଟର ଦୂରତା ମଧ୍ୟରେ ଅବସ୍ଥିତ ଏହି ଅଞ୍ଚଳ ବିକାଶ ଠାରୁ ଅନେକ ଦୂରରେ । ୨ବର୍ଷ ପୂର୍ବେ ଜାନକୀର ସ୍ୱାମୀ ଦାମ ରୋଗରେ ପଡ଼ି ମୃତ୍ୟୁ ବରଣ କରିଥିଲା । ସ୍ୱାମୀର ମୃତ୍ୟୁପରେ ଜାନକୀ ପକ୍ଷେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଲା । ସରକାରଙ୍କ ଅନେକ ଯୋଜନା ସେମାନଙ୍କ ଲାଗି ଅଛି, ହେଲେ ଜାନକୀ ଭତ୍ତା, ଖାଦ୍ୟ ସୁରକ୍ଷା ଯୋଜନା, ପ୍ରଧାନ ମନ୍ତ୍ରୀଙ୍କ ଆବାସ ଯୋଜନା ପରି ଅନେକ ଯୋଜନାରୁ ବଞ୍ଚିତ । ସପ୍ତାହରେ ଥରେ କାମାକ୍ଷା ନଗର ହାଟରେ ସେ ମହୁ ବିକ୍ରୀ କରେ ସେଥିରେ ତା'ର ଗୁଜୁରାଣ ମେଣ୍ଟେ ନାହିଁ । ତେଣୁ ପ୍ରତିଦିନ ସକାଳୁ ଉଠି ପାଞ୍ଚପାଞ୍ଚଟା ପିଲାଙ୍କ ମୁହଁରେ ଦାନାଦେବାକୁ ବାରଦୁଆର ବୁଲି ଭିକ୍ଷା କରିବା ବ୍ୟତୀତ ତା' ପାଖରେ ଅନ୍ୟ କୌଣସି ପନ୍ଥା ନଥାଏ । ସେ ବାରମ୍ବାର ସ୍ଥାନୀୟ ନେତା ଓ ପ୍ରଶାସନ ଅଧିକାରୀଙ୍କୁ ଭେଟି ସାହାଯ୍ୟ ଲାଗି ନିବେଦନ କରିଥିଲେ ସୁଦ୍ଧା ତା'ର ଦୁଃଖ କେହି ବୁଝି ନାହାନ୍ତି । ସ୍ୱାଧୀନତାର ୭୩ ବର୍ଷ ପରେ ମଧ୍ୟ ମୌଳିକ ଆବଶ୍ୟକତାରୁ ବଞ୍ଚିତ ଜାନକୀର ଜୀବନ ଯନ୍ତ୍ରଣାରୁ

**୫ ଶିଶୁଙ୍କ ଜୀବନ ରକ୍ଷା ଲାଗି ଭିକ୍ଷାବୃତ୍ତି**

ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଯୋଜନାର ସଫଳତା ଅନୁମେୟ । ଏପରି ଏକ ଗରିବ ଆଦିବାସୀ ପରିବାର ପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ କାମାକ୍ଷାନଗର ଗୋଷ୍ଠୀ ଉନ୍ନୟନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ ସେ ପଞ୍ଚାୟତ ଅଧିକାରୀଙ୍କୁ ପଠାଇ ତଦନ୍ତ କରିବେ ବୋଲି କହିଛନ୍ତି ।

## ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

• ବେଗୁନିଆ,ପିଏନଏସ

ବାଘମାରୀ ଥାନା ଶିମୋର - ବାଙ୍କି ରାସ୍ତାର ତୁଳସୀପୁରଠାରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟିଛି । ଜଣଙ୍କର ମୃତ୍ୟୁ ହୋଇଥିବାରୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରାଯାଇଛି । ଉତ୍ତେଜନା ଦେଖାଦେବାରୁ ବେଗୁନିଆ ତାସିଲଦାର ବିବେକାନନ୍ଦ ପରିଡା ଓ ବାଘମାରୀ ଥାନା ଅଧରକାରୀ ପ୍ରଣିତା ପଟ୍ଟନାୟକ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି । ରେଡକ୍ରସରୁ ୨୦ହଜାର ଟଙ୍କା ଯୋଗାଇ ଦେବା ଏବଂ ଗାଡି ମାଲିକ ଆର୍ଥିକ ସହାୟତା ଦେବା ସହ ସମସ୍ତ ସହଯୋଗ କରିବାର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଛି ।

ବାଙ୍କି ଥାନା ନରଗାଙ୍ଗ ଗ୍ରାମର ସୁଲତାନ ଖାଁ (୪୫) ପୋଡାଡିହ ପଞ୍ଚାୟତ ଦିନିଆରୀ ବଜାରରେ ଏକ ଚିକେନ କାଉଣ୍ଟର ବନ୍ଦ କରି ସାଇକେଲ ଯୋଗେ ଘରକୁ ଫେରୁଥିଲେ । ଦିନ ପ୍ରାୟ ସାଢେ ୧୧ଟା ବେଳେ କଟକ ଏବଂ ଖୋର୍ଦ୍ଧା ଜିଲ୍ଲା ସୀମାନ୍ତ ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖରେ ଏକ ହାଇଓା ପଛପଟୁ ତାଙ୍କ ଉପରେ ଚଢିଯାଇଥିଲା । ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା । ଲୋକେ ଉତ୍ତେଜିତ ହୋଇ ଟାୟାର ଜାଳି ଶିମୋର - ବାଙ୍କି ରାସ୍ତାକୁ ଦୀର୍ଘ ଦୁଇ ଘଣ୍ଟାକାଳ ଅବରୋଧ କରିଥିଲେ । ସୁଲତାନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସହ କ୍ଷତିପୂରଣ ଦାବି କରାଯାଇଛି । ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ଫେରାର ହୋଇଯାଇଛନ୍ତି । ବାଘମାରୀ ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ଗାଡିକୁ ଜବତ କରିଥିବା ବେଳେ ସୁଲତାନଙ୍କ ଶବ ବ୍ୟବଛେଦ ପାଇଁ ଖୋର୍ଦ୍ଧା ପଠାଇଛି । ସୁଲତାନ ପରିବାରର ଅଭିଯୋଗକ୍ରମେ ବାଘମାରୀ ଥାନାଅଧିକାରୀ ନଂ.୨୧/୧୯ରେ ଏକ ମାମଲା ରୁଜୁକରି ଏହାର ତଦନ୍ତଭାର ଏସଆଇ ଦିଲିପ ବିଶ୍ୱାଳଙ୍କୁ ଦେଇଛନ୍ତି ।




**କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**


**MCL**

**ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍**

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର-୭୬୮୦୨୦, ଜିଲ୍ଲା : ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (EPABX: ୦୬୬୩-୨୫୪୨୪୬୧- ୪୬୯, ୱେବସାଇଟ୍ : www.mahanadicoal.in

**ଇ-ଟେଣ୍ଡର ବିଜ୍ଞପ୍ତି**

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (http://coalindiatenders.nic.in) ରେ ପ୍ରକାଶିତ ହୋଇଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (http://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡିକୁ ଦେଖନ୍ତୁ ।

| କ୍ର. ସଂ. | ଟେଣ୍ଡର ଆଇଡ଼ି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ ₹ |
|---|---|---|---|
| 1 | 2019_MCL_139208_1 | Providing C.I. pipe line from Budhijam Over head tank to Kalinagar colony and pipe line from mine no. 02 to 4th Pit filter plant under Orient sub area, Orient area. | 10396631.00 |
| 2 | 2019_MCL_139448_1 | Supply of Continuous Stationery. | 248366.00 |
| 3 | 2019_MCL_139556_1 | PROCUREMENT OF DIFFERENT RATING OF STATOR COILS FOR AC AND HT MOTORS AT CWS_X TALCHER. | 2920303.00 |
| 4 | 2019_MCL_139598_1 | Supply of Swing Pump for BEML BE1000 Hyd Excavator at Lingaraj OCP (Exclusively For OEM/OPM/OES) | 1419308.00 |
| 5 | 2019_MCL_139595_1 | Hiring of one Diesel Car(Indigo or equivalent) for 12 hours duty, 3000 KM run per month for a period of 02 years(682 days) for Area pool of NSCH, CH Area, Talcher. | 787300.00 |
| 6 | 2019_MCL_139601_1 | Hiring of One (1) Jeep(6 plus 1 seater or more) (Bolero/ Sumo or its equivalent) fitted with AC for 12 hrs per day duty for GOCP for two years at Basundhara Area (682 days).(2800km run per month)(A). | 906378.00 |
| 7 | 2019_MCL_139613_1 | Hiring of One (1) Jeep(6 plus 1 seater or more) (Bolero/ Sumo or its equivalent) fitted with AC for 12 hrs per day duty for GOCP for two years at Basundhara Area (682 days).(2800km run per month)(B). | 906378.00 |
| 8 | 2019_MCL_139624_1 | PROCUREMENT OF SPARES FOR TRAVEL DEVICE OF TATA-1200 HYD. EXCAVATOR. | 290471.00 |
| 9 | 2019_MCL_139659_1 | Supply of Valves and Flanges for Pump operation at Lingaraj OCP | 336966.00 |
| 10 | 2019_MCL_139652_1 | Annual Maintenance Contract of telecom Network connections installed at GM office, GM Complex Colony, Central Hospital and colony, VIP Guest House, IB House etc under GM unit establishment for a period of 2 years(610 days) excluding Sundays and PHDs. | 778932.00 |
| 11 | 2019_MCL_139679_1 | Hiring of 01 No. Bolero Camper or Pick-Up Van or equivalent having seating capacity of 5 (4 plus 1) and loading capacity of minimum 01 ton on rear body for 24 hrs duty, max 3360 km per month for a period of two year (682 days) for SOCP, IB Valley Are | 1699619.00 |
| 12 | 2019_MCL_139612_1 | Procurement of Safety gadgets for MCL Talcher Area. | 490800.00 |
| 13 | 2019_MCL_139574_1 | Replacement of CGI sheet of Annexe Building of Project Office with replacement of false ceiling of Conference Hall of Balram OCP under Hingula Area. | 298673.00 |
| 14 | 2019_MCL_139682_1 | Supply of spares for Lubrication system for BE1000(D) and TATA EX1200 Hyd excavators at Lingaraj OCP (Exclusively for OEM) | 761508.00 |
| 15 | 2019_MCL_139656_1 | Supply of Spares for WIRTGEN make Surface Miner. | 1466079.00 |
| 16 | 2019_MCL_139699_1 | SUPPLY OF Diesel Additives required for reduction in specific Diesel consumption in HEMMs in mines | 960000.00 |
| 17 | 2019_MCL_139658_1 | Shifting, laying and fitting of 6 inch MS pipeline from PO Office, LOCP to SILO and NTPC Siding for Lingaraj Area. | 312644.00 |
| 18 | 2019_MCL_139673_1 | Diversion of 3.3 kV Overhead Line of Lingaraj Township Feeder for providing space for diversion of Public Road, SILO Railway Crossing Bridge near SILO site office, LOCP, Lingaraj Area. | 295171.00 |
| 19 | 2019_MCL_139765_1 | Supply of Lower Roller assembly for PnH Shovel | 1383200.00 |
| 20 | 2019_MCL_139779_1 | Supply of spares for AC systems fitted on TATA Hitachi Hyd excavators at Lingaraj OCP (Exclusively for OEM) | 630522.00 |
| 21 | 2019_MCL_139785_1 | Hiring of One (1) Camper(4 plus 1 seater) or equivalent for 24 hrs per day duty for KOCP for two years at Basundhara Area (682 days).(4000km run per month). | 1730234.00 |
| 22 | 2019_MCL_139791_1 | Hiring of 02 no. Air Conditioned 7 seater (6 plus 1) Hard Top diesel jeep or equivalent Covered Vehicle, max 2500 Km run per month, 12 hrs duty for a period of two years (341 days per year) for GM Office, IB Valley Area. | 1887912.00 |
| 23 | 2019_MCL_139719_1 | Fabrication of 60,000 Nos. of Bearing Plate of size 150mm x 150mm x 8mm with center hole of 20mm dia. for roof supporting of working faces and roadways of Hirakhand Bundia Mine, Rampur Sub-Area, Orient Area, MCL | 421260.00 |
| 24 | 2019_MCL_139781_1 | Annual repair and maintenance of lawn garden of Balram Guest House, Hingula Area for a period of 02 years. | 1467434.00 |
| 25 | 2019_MCL_139849_1 | Supply of spares for AC system on HEMM | 406422.00 |
| 26 | 2019_MCL_139681_1 | PROCUREMENT OF AC SPARES FOR TATA-1200(038)HYDRAULIC EXCAVATOR | 75034.00 |
| 27 | 2019_MCL_139853_1 | PROCUREMENT OF JAW CRUSHER FOR COAL SAMPLE PREPARATION | 300000.00 |
| 28 | 2019_MCL_139842_1 | Hiring of 1 Camper (4 plus 1 seater) or equivalent for 12 hrs per day duty for KOCP for two years at Basundhara Area (682 days)(2800 km run per month) | 650628.00 |
| 29 | 2019_MCL_139927_1 | Procurement of CO2 Absorbent. | 295000.00 |
| 30 | 2019_MCL_139915_1 | Procurement of accessories for fire fighting for MCL Talcher Area. | 102542.00 |
| 31 | 2019_MCL_139985_1 | SUPPLY OF HYDRAULIC PULLER SPARES. | 164000.00 |
| 32 | 2019_MCL_139990_1 | Supply of Portable Air refilling machine for refilling of air cylinder of water mist and CAF Fire extinguisher | 454300.00 |
| 33 | 2019_MCL_139999_1 | PROCUREMENT OF CARBON BRUSH , CARBON BRUSH HOLDER L TYPE FOR CROWD MOTOR AND SWING MOTOR | 245558.00 |
| 34 | 2019_MCL_140069_1 | PROCUREMENT OF DIFFERENT RATING OF S.E. COPPER WIRE FOR CWS_X TALCHER. | 2979853.00 |
| 35 | 2019_MCL_139844_1 | Making temporary approach road to IB valley Washery at (10MTPA) at Belpahar OCM of Lakhanpur Area. | 458365.00 |
| 36 | 2019_MCL_139992_1 | Day to day repair and maintenance of water supply and sanitary system at Hill Top Colony of SOCP,IB Valley Area for 02 (two) years. | 1637790.00 |
| 37 | 2019_MCL_140006_1 | Dismantling and Reinstallation of existing Weigh Bridge platform no.5 of Samaleswari OCP with making its foundation,approach upto CT road and sample collection platform at LOCP,IB Valley Area. | 3145973.00 |
| 38 | 2019_MCL_140028_1 | Annual cleaning of siding office,sampling room and in motion weigh bridge(Railway) at siding no.3 under LOCP of IBVA(for two years). | 241400.00 |
| 39 | 2019_MCL_140083_1 | Hiring of one no. AC running covered jeep (Innova or equivalent) having seating capacity 6 plus 1 on 16 hours duty basis with deployment of two nos. of drivers, max run 3000 km/month for 02 years (682 working days) for GM Secretariat, Lakhanpur Area. | 1818894.00 |
| 40 | 2019_MCL_140002_1 | Supply of spares for flowmore make pump | 1306241.00 |
| 41 | 2019_MCL_140084_1 | Temporary parking facilities for motor cycle near MTK of GOCP of Basundhara Area | 407085.00 |
| 42 | 2019_MCL_139817_1 | PROCUREMENT OF SPARES FOR BE-1600 HYD SHOVEL | 1178193.00 |
| 43 | 2019_MCL_139827_1 | PROCUREMENT OF RCC HUME PIPE | 934546.00 |
| 44 | 2019_MCL_139972_1 | Hiring of 01 No. Bolero/Sumo or equivalent covered vehicle (except TUV) 7 seater with AC fitted (Diesel) with 12 hrs duty, maximum 3500 km run per month for 682 days in 02 years for EnT department, Bharatpur OCP, Bharatpur Area, MCL. | 986172.00 |
| 45 | 2019_MCL_139998_1 | Hiring of 01 No. Bolero/Sumo or equivalent covered vehicle (except TUV) 7 seater with AC fitted (Diesel) with 12 hrs duty, maximum 3500 km run per month for 682 days in 02 years for Survey department, Bharatpur OCP, Bharatpur Area, MCL. | 967076.00 |
| 46 | 2019_MCL_140124_1 | AMC for attending breakdown of power line and lighting line during 2nd shift and night shift at mines of Bharatpur OCP of Bharatpur Area, MCL for a period of 1 year (365 days). | 522051.00 |
| 47 | 2019_MCL_140139_1 | Supply of Hose Assemblies for CAT-777D Dumpers at Lingaraj OCP | 837776.00 |
| 48 | 2019_MCL_140044_1 | Procurement of water analysis kit for MCL Talcher Area. | 50000.00 |
| 49 | 2019_MCL_140212_1 | Supply of Computer paper for the year 2019-20 at Lingaraj Area (Reserved for MSEs only) | 112210.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟକ କେନ୍ଦ୍ର (ଫୋନ୍ ନଂ. : 0663-2542695/2542264, ଇ-ମେଲ : hlp-eproc.mcl@coalindia.in) R-4913

ଆମର ଆପ୍‌ସ୍ ପାଇବା ପାଇଁ ଦେୟମୁକ୍ତ (ଟୋଲ୍ ଫ୍ରି) ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍ କଲ୍ କରନ୍ତୁ ।



**GOVERNMENT OF ODISHA**
**PANCHAYAT SAMITI, NARLA**

E-mail:-ori-narla@nic.in, FAX No :- Tel No:-

**Bid Identification No.1015** **Dated 31.5.2019**

| | | |
|---|---|---|
| 1 | Name of the Work | 01 (One) No. of Twin Building |
| 2 | Estimated Cost | Rs.35.00 lakh |
| 3 | Period of Completion | 12 (Twelve) Calendar Months |
| 4 | Date and Time of availability of Bid Document in Narla Block & District portal | 11.00 hour of 03.06.2019 to 17.00 hours of 17.06.2019 |
| 5 | Last Date/Time for receipt of bid | 17.00 hour of 17.06.2019 |
| 6 | Name and Address of the Officer Inviting Bid | BDO, NARLA |
| 7 | Date & Venue of Opening of the Bid | On 18.6.2019 at 11.00 A.M. in the Office of BDO, Narla |

Further details can be seen from the District portal www.kalahandi.nic.in.

**Sd/- Block Development Officer**
**Narla**



**INTEGRATED TRIBAL DEVELOPMENT AGENCY, MALKANGIRI**

**EOI Notice**

Expression of Interest (EOI) are invited by the Integrated Tribal Development Agency, Malkangiri from interested suppliers for supply of Milch Cows to be provided to the Producer Group consisting of ST beneficiaries of Tribal Dairy farmers of Jharapally, B.L.Pur, Thapaguda & Markapalli G.P of Malkangiri Block area during 2019-20 on terms & conditions specified in EOI Document.

The EOI Documents can be obtained from the website www.malkangiri.nic.in on payment of **Rs.2,000/- (Rupees two thousand)** only by DD/IPO which is non-refundable. Downloaded documents should be accompanied with DD/IPO at the time of submission.

The date for receipt of EOI is from **4.6.2019 to 18.06.2019 upto 1.00 P.M.** during office hours through speed Post/Registered Post only and the date for opening will be **Date 19.06.2019 at 11.00 A.M.** in the Conference Hall of OTELP, ITDA, Malkangiri.

**Sd/- Project Administrator**
**ITDA, Malkangiri**


■ ୨୧ରେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିବ ଭାରତ

## ବିଶ୍ୱ ପରିବେଶ ଦିବସରେ ଇକୋଫ୍ରେଣ୍ଡଲି ଯୋଗ

• ନୂଆଦିଲ୍ଲୀ



ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାର ରବର ଓ ପ୍ଲାଷ୍ଟିକ ମୁକ୍ତ ଯୋଗ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ୨୧ତାରିଖରେ ଏହାକୁ ଇକୋଫ୍ରେଣ୍ଡଲି ଯୋଗ ଦିବସ ଭାବେ ପ୍ରତିପାଳିତ ହେବ ବୋଲି ଜଣାପଡିଛି ଯୋଗାସନରେ ବ୍ୟବହାର କରାଯାଉଥିବା ରବର ସ୍ଥାନରେ ସୂତା କନାରେ ପ୍ରସ୍ତୁତ କରାଯିବ । ସେହିପରି ପ୍ଲାଷ୍ଟିକ ନିର୍ମିତ ଯୋଗ ସାମଗ୍ରୀ ମଧ୍ୟ ବର୍ଜନ କରାଯିବ । ସେହିପରି ଯୋଗ କରିବାକୁ ବେଶପୋଷାକରେ ଭାରତୀୟ ପରିଚୟ ରହିବ । ସେଥିନେଇ ଖଦିରେ ପ୍ରସ୍ତୁତ ହୋଇଥିବା ପୋଷାକ ବଣ୍ଟନ କରାଯିବ । ଆଉ ଏହି ସମସ୍ତ ସାମଗ୍ରୀ ପ୍ରସ୍ତୁତ କରିବାକୁ ଟେଣ୍ଡର ଆହ୍ୱାନ କରାଯାଇଛି । ୨୦୧୫ରେ ପ୍ରଥମ ଥର ଲାଗି ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଆରମ୍ଭ ହୋଇଥିଲା । ଆୟୁଷ ମନ୍ତ୍ରଣାଳୟ ଗତ ୫ବର୍ଷ ମଧ୍ୟରେ ଯୋଗ ପ୍ରତି ଲୋକଙ୍କର ଆଗ୍ରହ ବୃଦ୍ଧି କରାଇବାରେ ପ୍ରୟାସ ଜାରି ରଖିଛି । ଫଳରେ ପ୍ରତିଦିନ ପ୍ରାୟ ୨୫କୋଟି ଲୋକ ଯୋଗ କରୁଥିବା ଜାଣିବାକୁ ମିଳିଛି । ତେବେ ଆସନ୍ତା ୨୧ତାରିଖରେ ରାଞ୍ଚି ଠାରେ ଆୟୋଜିତ ଇକୋଫ୍ରେଣ୍ଡଲୀ ଯୋଗ ଶିବିରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବା କାର୍ଯ୍ୟକ୍ରମ ରହିଛି ।

■ ଆଇଏଫଆଇଏନ ଋଣ ମାମଲାରେ ଚାର୍ଜସିଟ୍

## ୨୦୧୭ରେ ଆରବିଆଇ ତ୍ରୁଟି ସୁଧାରିବାକୁ ନିର୍ଦ୍ଦେଶ ଦେଇଥିଲା

• ନୂଆଦିଲ୍ଲୀ

ସିରିୟସ ଫ୍ରଡ ଇନଭେଷ୍ଟିଗେସନ ଅଫିସ (ଏସଏଫଆଇଓ) ଚାର୍ଜସିଟରେ ଆଇଏଲ ଆଣ୍ଡ ଏଫଏସ ଫାଇନାନ୍ସିଆଲ ସର୍ଭିସେସ (ଆଇଏଫଆଇଏନ) ର ଋଣ ମାମଲାରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଆଖିଦୃଶିଆ ପଦକ୍ଷେପ ନେଇନଥିଲା ବୋଲି ଅଭିଯୋଗ କରିଛି । ଆଇଏଫଆଇଏନ ଆରବିଆଇ ନିୟମକୁ ଉଲ୍ଲଂଘନ କରି ଗ୍ରୁପ କମ୍ପାନୀମାନଙ୍କୁ ଋଣ ଦେଇଥିବା ଏହି ଚାର୍ଜସିଟରେ ଉଲ୍ଲେଖ ହୋଇଛି । ୨୦୧୭ରେ ଆରବିଆଇ ଖାତା ଠିକଠାକ୍ କରିବା ଓ ଭୂଲ ସୁଧାରିବାକୁ ନିର୍ଦ୍ଦେଶ ଦେଇଥିଲା । ଆଇଏଆଇଏନର ଋଣ ଓ ଅଗ୍ରୀମ ପରିମାଣ ୨୦୧୩ ଆର୍ଥିକବର୍ଷଠାରୁ ୧୫%କୁ ଟପିଥିଲା । ଏହି ଋଣ ପରିମାଣ ଆଗାମୀ ବର୍ଷଗୁଡିକରେ ବଢ଼ି ୩୭% ବା ୫୨୦୦ କୋଟି ଟଙ୍କାରେ ପହଞ୍ଚିଥିଲା ବୋଲି ଚାର୍ଜସିଟରେ ଦର୍ଶାଯାଇଛି । ସମୟ ଥାଇ ଆରବିଆଇର ହସ୍ତକ୍ଷେପ କରିଥିଲେ, ଆଇଏଲ ଆଣ୍ଡ ଏଫଏସ ସମସ୍ୟାକୁ ଚିହ୍ନଟ କରାଯାଇପାରିଥାନ୍ତା ବୋଲି ଏସଏଫଆଇଓ କହିଛି । ୨୦୧୭ରେ ଆରବିଆଇ ଆଇଏଫଆଇଏନର ଅଧ୍ୟକ୍ଷ ଓ ସିଇଓଙ୍କୁ ଚିଠି ଲେଖି କମ୍ପାନୀ ଦ୍ୱାରା ଋଣ ପ୍ରଦାନରେ ଆରବିଆଇର ନିୟମ ଉଲ୍ଲଂଘନ ହୋଇଥିବା ଦର୍ଶାଇଥିଲା । ଗ୍ରୁପ କମ୍ପାନୀଗୁଡିକୁ ବର୍ଗୀକରଣ କରିବା ଦିଗରେ ଆରବିଆଇ ପରାମର୍ଶ ଦେଇଥିଲା । ଆରବିଆଇ ସ୍ୱତନ୍ତ୍ର ନିରୀକ୍ଷଣ କରି ଗ୍ରୁପ କମ୍ପାନୀଙ୍କୁ ଆଉ ଋଣ ନଦେବା ଦିଗରେ ଆଇଏଫଆଇଏନକୁ କହିଥିଲା । ଆରବିଆଇ ସେହି ସମୟରେ କମ୍ପାନୀକୁ କୌଣସି ଦଣ୍ଡ ଦେଇନଥିଲା ଓ କୌଣସି ସୁଧାର ବିନା କମ୍ପାନୀ କାର୍ଯ୍ୟକ୍ଷମ ଥିଲା । କମ୍ପାନୀର ଭବିଷ୍ୟତ ଯୋଜନା ପରିବର୍ତ୍ତନ ଲାଗି ଆରବିଆଇ ଆଭ୍ୟନ୍ତରୀଣ ଯାଞ୍ଚ କରିପାରିଥାନ୍ତା ବୋଲି ଏଜେନ୍ସି କହିଛି ।